# ଜିଲ୍ଲାରୁ ପୁଣି ଏକ କରୋନା ପଜିଟିଭ ଚିହ୍ନଟ -

## ପଜିଟିଭ ସଂଖ୍ୟା ୨୬ ରେ ପହଞ୍ଚିଲା ।

ଅନୁଗୋଳ,୨୬.୫ :- ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ଅଞ୍ଚଳର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆଜି ଏକ କରୋନା ପଜିଟିଭ ଚିହ୍ନଟ ହୋଇଛି । ପଜିଟିଭ ସଂଖ୍ୟା ୨୬ ରେ ପହଞ୍ଚିଥିବାବେଳେ ଏଥିରୁ ୧୫ ଜଣ ସୁସ୍ଥ ହୋଇ ସଙ୍ଗାରାଧରେ ଅଛନ୍ତି । ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ବୟସ ୨୧ ବର୍ଷ ଓ ସେ ତାମିଲନାଡୁରୁ ଆସି ଚଳିତ ମାସ ୧୭ ତାରିଖରେ ସଙ୍ଗରୋଧରେ ଥିଲେ । ତାଂକର କରୋନା ଲକ୍ଷଣ ବିହିନ ଥିବାବେଳେ ପଠାଯାଇଥିବା ନମୁନାରୁ ଆଜି ପଜିଟିଭ ବାହାରିଛି । ତାଂକୁ ଆଜି ଚିକିତ୍ସା ନିମନ୍ତେ ତାଳଚେର କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।